OFFICE OF THE

MUNICIPAL COUNCIL, KEONJHARGARH

At/P.O.-Keonjhargarh, Dist.-Keonjhar, Odisha, Pin-758001

Phone/Fax: (06766) 255413, E-mail:-keonjharm.hud@rediffmail.com

ବିଜ୍ଞାପନ ସଂଖ୍ୟା:.....୨୭୪୮.....

ତାରିଖ:....୦୪.୧୨.୨୫....

## ଗୋଷ୍ଠି ଶୌଚାଳୟ ପରିଚାଳନା ନିମନ୍ତେ ଆବେଦନ ପତ୍ର

ଏତ ଦ୍ଵାରା ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ମହାସଂଘ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କେନ୍ଦୁଝରଗଡ **ପୌରପାଳିକା** ର ବଳଭଦ୍ରପୁର ରେ ଥିବା ଗୋଷ୍ଠି ଶୌଚାଳୟ ର ପରିଚାଳନା ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଅଛି । ତେଣୁ ଇଚ୍ଛୁକ ଏବଂ ଦକ୍ଷ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ/ ଆଞ୍ଚଳିକ ସ୍ତରୀୟ ମହାସଂଘ ମାନେ ତା ୦୮/୧୨/୨୫ ରିଖ ରୁ ତା ୧୭/୧୨/୨୫ ରିଖ (ଅପରାହ୍ନ ୪.୦୦ ଘଟିକା) ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ/ମୁଦା ଲଫାଫାରେ କେନ୍ଦୁଝରଗଡ ପୌରପାଳିକା କାର୍ଯ୍ୟାଳୟରେ ଦାଖଲ କରିବାକୁ ଅବଗତ କରାଗଲା

### ସ୍ୱୟଂ ସହାୟିକା ଗୋଷ୍ଠୀର ନିମ୍ନଲିଖିତ ଯୋଗ୍ୟତା ଓ ନଥି ପତ୍ର (ଡକ୍ୟୁମେଣ୍ଟ) ଥିବା ଆବଶ୍ୟକ

୧- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘକୁ ତା୦୧-୦୪-୨୦୨୨ରିଖ ସୁଦ୍ଧା ସର୍ବନିମ୍ନ ୨ ବର୍ଷ ହୋଇଥିବ ।

୨- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ପୌରାଞ୍ଚଳ/ପଞ୍ଚାୟତ ର ହୋଇଥିବା ଆବଶ୍ୟକ।

୩- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ, ଯେଉଁଥିରେ କି ନିୟମିତ ମାସିକ ସଞ୍ଚୟ ହେଉଥିବ ଏବଂ ଆଶ୍ରୟ ସ୍ଥଳୀ ପରିଚାଳନା ନିମନ୍ତେ ସର୍ବନିମ୍ନ **ପଚିଶହଜାର ଟଙ୍କାର** ପୁଞ୍ଜି ଥିବ ।

୪- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ର ନିୟମିତ ସଭା ବିବରଣୀ ଲିପିବଦ୍ଧ ହେଉଥିବ ଏବଂ ଅନ୍ୟାନ୍ୟ ଖାତାପତ୍ର (ଅପଡେଟ୍) ଥିବ ।

୫- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ସୋସାଇଟି ପଞ୍ଜୀକରଣ ଅଧିନିୟମ, ୧୮୬୦ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ ଅଟେ ।

୬- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ପ୍ୟାନ କାର୍ଡ ଥିବା ଜରୁରୀ ଅଟେ ।

(ଉପରୋକ୍ତ ଯୋଗ୍ୟତା ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ~~ସମନ୍ୱିତକେନ୍ଦ୍ର~~ ଗୋଷ୍ଠି ଶୌଚାଳୟ ପରିଚାଳନା ନିମନ୍ତେ ବର୍ଗୀକରଣ (ଗ୍ରେଡିଂ) କରାଯାଇ ସର୍ବାଧିକ ମାର୍କ ରଖିଥିବା ସ୍ୱୟମ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘକୁ ଚୟନ କମିଟି ଦ୍ୱାରା ଚୟନ କରାଯିବ ।

କାର୍ଯ୍ୟନିର୍ବାହୀ ଅଧିକାରୀ

କେନ୍ଦୁଝରଗଡ଼ ପୌରପାଳିକା

Executive Officer

Keonjhargarh Municipality

୦୪.୧୨

ପରିପତ୍ର ସଂଖ୍ୟା : 9742 ତାରିଖ: 08.12.25

ଏହି ବିଜ୍ଞପ୍ତିର ଏକ କିତା ନକଲ ପୌରାଞ୍ଚଳ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ ଗୋଷ୍ଠୀ ସଙ୍ଗଠକ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

Executive Officer
Keonjhargarh Municipality
କାର୍ଯ୍ୟନିର୍ବାହୀ ଅଧିକାରୀ
କେନ୍ଦୁଝରଗଡ଼ ପୌରପାଳିକା

**ଚୟନ ପ୍ରକ୍ରିୟାର ବିଭିନ୍ନ ସୋପାନ ଓ ତାରିଖ :**

| କ୍ର: ସଂ: | ଚୟନ ପ୍ରକ୍ରିୟାର ବିଭିନ୍ନ ସୋପାନ | ତାରିଖ ଓ ସମୟ |
|---|---|---|
| ୧ | ଆବେଦନ କରିବାର ତାରିଖ : | ୦୮.୧୨.୨୫ |
| ୨ | ଆବେଦନ କରିବାର ଶେଷ ତାରିଖ ଓ ସମୟ : | ୧୭.୧୨.୨୫, ଅପରାହ୍ନ ୪.୦୦ ଘଟିକା |
| ୩ | ଆବେଦନ କରାଯାଇଥିବା ପ୍ରସ୍ତାବ ଖୋଲିବା ତାରିଖ : | ୧୮.୧୨.୨୫, ଅପରାହ୍ନ ୪.୩୦ ଘଟିକା |

Executive Officer
Keonjhargarh Municipality
୦୮.୧୨